# 'ଟାଟା ଟି' ଅନ୍ତଃସ୍କୁଲ୍ ଫୁଟ୍‌ବଲ୍ ୨୯ରେ

ଭୁବନେଶ୍ୱର, ୨୪।୧୨ (ଇମିସ): 'ଟାଟା ଟି ଜାଗୋରେ ସଙ୍କର'ର ବାର୍ଷିକ କାର୍ଯ୍ୟକ୍ରମ ଅନୁଯାୟୀ ସାରା ଦେଶର ୧୫ଟି ସହରରେ ଆୟୋଜିତ ଅନ୍ତଃସ୍କୁଲ୍ ଟୁର୍ନାମେଣ୍ଟର ଭୁବନେଶ୍ୱର ଲେଗ୍ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ।କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱରର ପ୍ରାୟ ୩୦ଟି ସ୍କୁଲ୍ ଭାଗ ନେବେ। କ୍ରମାଗତ ପଞ୍ଚମ ଥର ପାଇଁ ଆୟୋଜିତ ଏହି ଟୁର୍ନାମେଣ୍ଟର ଚାମ୍ପିଅନ୍ ଦଳ ଆଗାମୀ ବର୍ଷ ଏପ୍ରିଲରେ ସିଲଂଠାରେ ଆୟୋଜିତ ସର୍ବଭାରତୀୟ ଟୁର୍ନାମେଣ୍ଟକୁ ଯୋଗ୍ୟତା ହାସଲ କରିବ।